# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 08 November – 2025

**********************************

## ମୁଖ୍ୟ ସମ୍ବାଦ

- ସଂସଦର ଶୀତକାଳିନ ଅଧିବେଶନ ଡିସେମ୍ବର ମାସ ପହିଲାରୁ ହେବ ଆରମ୍ଭ

- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪ କୋଟିରୁ ଊର୍ଦ୍ଧ୍ୱ ଗରିବ ଲୋକଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି କହିଲେ, କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ପ୍ରଚାର କାର୍ଯ୍ୟ ହେବ ଶେଷ

ଏବଂ

- ଆକାଶବାଣୀ ପକ୍ଷରୁ  ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ୬୭ତମ ସଙ୍ଗୀତ ସମ୍ମିଳନୀ

# ଶୀତ ଅଧିବେଶନ

ସଂସଦର ଶୀତକାଳିନ ଅଧିବେଶନ ଆସନ୍ତାମାସ ପହିଲାରୁ ଆରମ୍ଭ ହୋଇ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇ କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୀତକାଳିନ ଅଧିବେଶନ ନେଇ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ରିଜିଜୁ କହିଛନ୍ତି ଅଧିବେଶନ ସମୟରେ ବିଭିନ୍ନ ପ୍ରସଙ୍ଗରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ ଦେଶବାସୀଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବା ନେଇ ସରକାର ଆଶା ରଖିଛନ୍ତି ।

# ସରକାରୀ ଯୋଜନା

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ମହିଳା, ଦଳିତ ଓ ଦିବ୍ୟାଙ୍ଗଙ୍କୁ ଅଧିକ ପ୍ରାଥମିକତା ଦିଆଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ କହିଛନ୍ତି। କଟକ ଅତିଥି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଅଠାୱାଲେ କହିଛନ୍ତି, କେନ୍ଦ୍ର ସରକାର ବିଭିନ୍ନ ବର୍ଗର ଜନସାଧାରଣଙ୍କ ଉନ୍ନତି ପାଇଁ ଗରିବ ଲୋକମାନଙ୍କୁ ମାଗଣାରେ ବାସଗୃହ ଯୋଗାଇଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଣୟନ କରାଯାଇଛି।

**- V/O –**

## ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷାପରିଷଦ ଦ୍ୱାରା ପରିଚାଳିତ ୨୦୨୬ ବାର୍ଷିକ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ବିଜ୍ଞପ୍ତି ପ୍ରକାଶ ପାଇଛି । ଉଭୟ ରେଗୁଲାର ଏବଂ ଏକ୍ସରେଗୁଲାର ପରୀକ୍ଷା ପାଇଁ ଆଜିଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଆସନ୍ତା ୨୨ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଫର୍ମ ପୂରଣର ସମୟ ଧାର୍ଯ୍ୟ ହୋଇଛି । ଏହି ସମୟ ମଧ୍ୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରିବାକୁ ବିଜ୍ଞପ୍ତିରେ କୁହାଯାଇଛି ।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୧୦ ତାରିଖ ସୋମବାର ଦିନ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶୁଣାଣିକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରଚାରକାର୍ଯ୍ୟର ଆସନ୍ତାକାଲି ଶେଷ ଦିନ। ଅପରାହ୍ଣ ୪ଟାରୁ ପ୍ରଚାର କାର୍ଯ୍ୟକୁ ବନ୍ଦ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କଟକଣା ୧୧ ତାରିଖ ସନ୍ଧ୍ୟାଯାଏଁ ବଳବତ୍ତର ରହିବ। ଏହି ୪୮ ଘଣ୍ଟା ଅବଧି ମଧ୍ୟରେ ସମସ୍ତ

ପ୍ରାର୍ଥୀ, ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାର, ସଭା, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ଉପରେ ମଧ୍ୟ ନିଷେଧାଦେଶ ଜାରି କରାଯାଇଛି । ସେହିଭଳି ଗଣମାଧ୍ୟମ ପ୍ରସାରଣ ଟେଲିଭିଜନ ଓ ଡିଜିଟାଲ ପ୍ଲାଟଫର୍ମରେ ରାଜନୈତିକ ବିଜ୍ଞାପନ ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି । ମୁକ୍ତ, ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ଉପନିର୍ବାଚନ ଶେଷ ପାଇଁ ପୁଲିସ୍ ଓ କେନ୍ଦ୍ରୀୟ ସଶସ୍ତ୍ର ବଳକୁ ନିୟୋଜିତ କରାଯାଇଛି ।

ଉପନିର୍ବାଚନ ପାଇଁ ଆଜି ୩ ପ୍ରମୁଖ ରାଜନୈତିକ ଦଳ ସମେତ ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ  ନିର୍ବାଚନ ରଣାଙ୍ଗନରେ ଭୋଟରମାନଙ୍କୁ ସେମାନଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

ବି.ଜେ.ପି.ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସୁନାବେଡା ଅଭୟାରଣ୍ୟ ଅଞ୍ଚଳ ଗସ୍ତ କରି  ଏକ ଜନସମାବେଶରେ ଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଦଳର ପ୍ରଭାରୀ ବିଜୟପାଲ ସିଂ ତୋମାର ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ସାମିଲ ଅଛନ୍ତି । ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର ଜାରି ରଖିଛନ୍ତି । ବି.ଜେ.ଡି. ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ କୋମନାଠାରେ ପ୍ରଚାର କରିଛନ୍ତି । କଂଗ୍ରେସ ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଛି । ଉପନିର୍ବାଚନ ସମ୍ପର୍କରେ ନୂଆପଡ଼ା ସମ୍ବାଦଦାତାଙ୍କ ରିପୋର୍ଟ

ନୂଆପଡ଼ା ବିଧାନସଭା ଉପନିର୍ବାଚନପାଇଁ ଆସନ୍ତା ୧୧ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

# ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକର ଆଜି ଚତୁର୍ଥ ଦିନ। ଆଜି ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ସମ୍ମାନୀତ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ସହ କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ ଓ ଅନ୍ୟ ବରିଷ୍ଠ ଅତିଥିମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

ଓରମାସ୍ ଜାତୀୟସ୍ତରୀୟ ପଲ୍ଲିଶ୍ରୀମେଳାରେ ଗତକାଲି ସୁଦ୍ଧା ଅଢ଼େଇ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ବାଲିଯାତ୍ରାରେ ପ୍ରତ୍ୟେକ ଦିନ କଟକ ମ୍ୟୁନିସ୍‌ପାଲ କର୍ପୋରେସନ ପକ୍ଷରୁ ବିଭିନ୍ନ ଷ୍ଟଲ୍‌ରେ ଖାଦ୍ୟର ମାନକୁ ଯାଞ୍ଚ କରାଯାଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ **ଶିବୋ ଟପୋ** କହିଛନ୍ତି....

**- V/O -**

ଚଳିତଥର ବାଲିଯାତ୍ରାରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଛି। ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ୧୬ ଶହରୁ ଅଧିକ ଷ୍ଟଲ୍ ଖୋଲାଯାଇଛି। ଇଣ୍ଡୋନେସିଆରୁ ଆସିଥିବା ଜଳପରୀଙ୍କୁ ଦେଖିବା ପାଇଁ ଦର୍ଶକଙ୍କର ଭିଡ ପରିଲକ୍ଷିତ ହେଉଛି।

## ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀରେ ସୁପ୍ରିମକୋର୍ଟ ପରିସରରେ ଆଇନଗତ ସହାୟତା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ଆୟୋଜିତ ଜାତୀୟ ସମ୍ମିଳନୀକୁ ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ । ଜାତୀୟ ଆଇନଗତ ସେବା ପ୍ରାଧିକରଣ-ନାଲ୍‌ସା ଦ୍ୱାରା ପ୍ରସ୍ତୁତ ଗୋଷ୍ଠୀ ଭିତ୍ତିକ ପ୍ରଶିକ୍ଷଣ ବ୍ୟବସ୍ଥାର ପ୍ରଧାନମନ୍ତ୍ରୀ ଆଜି ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଆଇନଗତ ସେବା ଢ଼ାଞ୍ଚାର ପ୍ରମୁଖ ମାର୍ଗଗୁଡ଼ିକ ଉପରେ ଏହି ଦୁଇଦିନିଆ ସମ୍ମିଳନୀରେ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

## ଆକାଶବାଣୀ ସଂଗୀତ ସମ୍ମେଳନ

ଆକାଶବାଣୀ ପକ୍ଷରୁ ୬୭ତମ ସଙ୍ଗୀତ ସମ୍ମେଳନ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ପ୍ରସାରଭାରତୀ ଏବଂ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ

ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଯୋଗ ଦେବେ। ବଂଶୀବାଦକ ପ୍ରଦୀପ୍ତ ଶେଖର ମହାପାତ୍ର, ତବଲା ସହଯୋଗିତାରେ ବିଶ୍ୱରଞ୍ଜନ ନନ୍ଦ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିବେ। ଲଘୁ ସଂଗୀତରେ ଡକ୍ଟର ନାଜିଆ ସୟିଦ୍ ଓ ସନ୍ତୋଷୀ ପ୍ରସାଦ ମିଶ୍ର ସଂଗୀତ ପରବେଷଣ କରିବେ।

## ବିଶ୍ୱ ସହର ଯୋଜନା ଦିବସ

ଉତ୍ତମ ସହରୀ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଏବଂ ପରିବର୍ତ୍ତନଶୀଳ ସମୟରେ ବିଭିନ୍ନ ପ୍ରତିବନ୍ଧକର ସମାଧାନ ଲକ୍ଷ୍ୟ ନେଇ ପ୍ରତ୍ୟେକ ବର୍ଷ ଆଜିର ଦିନରେ ବିଶ୍ୱ ସହର ଯୋଜନା ଦିବସ ପାଳନ କରାଯାଉଛି। ପରିବେଶ ପ୍ରଦୂଷଣ, ବିଶ୍ୱ ତାପନ, ଟ୍ରାଫିକ୍ ସମସ୍ୟା, ଜଳବାୟୁ ପରିବର୍ତ୍ତନ ଏବଂ ଗୃହ ସଙ୍କଟ ଭଳି ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା କରିବା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି- "ଯୋଜନା ସହିତ ଆମେ ପାରିବୁ" ।

ବିଶ୍ୱ ସହରୀ ଯୋଜନା ଦିବସ ସମ୍ପର୍କରେ **ଡକ୍ଟର ପିୟୁଷ ରଞ୍ଜନ ରାଉତ୍** ଆକାଶବାଣୀକୁ କହିଛନ୍ତି....

## - V/O –

## ରେଡିଓଲୋଜୀ ଦିବସ

ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଉଇଲିୟମ୍ କର୍ଣ୍ଣଡ ରନ୍ତଜେନ୍ଙ୍କ ସ୍ମୃତିରେ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ରେଡିଓଲୋଜୀ ଦିବସ ପାଳନ କରାଯାଉଛି।

୧୯୯୫ ମସିହାରେ ବୈଜ୍ଞାନିକ ରନ୍ତଜେନ୍ ରେଡିଓଲୋଜୀ ଆବିଷ୍କାର କରିଥିଲେ। ପରବର୍ତ୍ତୀ ସମୟରେ ଚିକିତ୍ସା ବିଜ୍ଞାନରେ ରୋଗ ନିରୂପଣ, ଶଲ୍ୟଚିକିତ୍ସା ଓ ରଶ୍ମି ଚିକିତ୍ସାରେ ରେଡିଓଲୋଜୀ ବୈପ୍ଳବିକ ପରିବର୍ତ୍ତନ ଆଣିଛି।  ରେଡିଓଲୋଜୀ ବ୍ୟବହାର ଦ୍ୱାରା ଏକ୍ସରେ, ସିଟିସ୍କାନ, ଏମ୍ଆରଆଇ, ପେଟ୍ସ୍କାନର ସହଯୋଗରେ ବିନା ଅସ୍ତ୍ରୋପଚାରରେ ରୋଗ ନିର୍ଣ୍ଣୟ ସହଜରେ କରାଯାଇ ପାରୁଛି। ବାୟୋପ୍ସି, ଟ୍ୟୁମର ଅପସାରଣ ଆଦିରେ ଏହି ରଶ୍ମି ସଠିକ୍ ମାର୍ଗଦର୍ଶନ ଦେଇଥାଏ। ଅନେକ କ୍ଷେତ୍ରରେ ଏହି ତେଜସ୍କ୍ରିୟ ରଶ୍ମୀର ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ, ଯାହାକି ଶରୀର ଏବଂ ପ୍ରାଥମିକ ସ୍ତରରେ ଥିବା କୋଷ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ।

## ସାଇବର ସୁରକ୍ଷା

ଭଦ୍ରକ ଜିଲ୍ଲା ପୁଲିସ୍ ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ପୁଲିସ୍ ମୁଖ୍ୟାଳୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ ପ୍ରମୁଖ ଯୋଗଦେଇ ସାଇବର ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନଗର ପରିକ୍ରମା କରିବା ସହିତ ଜନସାଧାରଣଙ୍କୁ ଏ ନେଇ ସଚେତନ କରିଥିଲେ।

## ସୁରଭି

ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ କ୍ୟାପିଟାଲ ବିଦ୍ୟାଳୟରେ ଆସନ୍ତା ୧୨ ତାରିଖରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ୨୦୨୫ କାର୍ଯ୍ୟକ୍ରମ

ଆରମ୍ଭ ହେବ। ବିଦ୍ୟାଳୟ ପାଠ୍ୟଖସଡା ସହିତ ବୌଦ୍ଧିକ କାର୍ଯ୍ୟକ୍ରମକୁ ସଂଯୁକ୍ତ କରିବା ଓ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀ ଏବଂ ମାନବିକ ମୂଲ୍ୟବୋଧର ବିକାଶ ପାଇଁ ଏହି ମହୋତ୍ସବ ପାଳନ କରାଯାଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କର୍ମଚାରୀ ପାଇଁ ଉଦ୍ଦିଷ୍ଟ କେତୋଟି ଆଇନ ଉପରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଗତକାଲିର ଉଦ୍‌ଯାପନୀ ସମାରୋହରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ନାୟକ ଯୋଗଦେଇ ଆଇନଗୁଡ଼ିକ ସଂପର୍କରେ କର୍ମଚାରୀଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ ।

## ପାଣିପାଗ

ରାଜ୍ୟକୁ ଉତ୍ତର ଦିଗରୁ ଶୁଖିଲା ଥଣ୍ଡା ପବନ ପ୍ରବେଶ  କରୁଥିବାରୁ ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୩ ରୁ ୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରାଜ୍ୟର ଆଭ୍ୟନ୍ତରୀଣ ସମେତ ପଶ୍ଚିମ ଭାଗର କେତେକ ସ୍ଥାନରେ କୁହୁଡି ପରିଲକ୍ଷିତ ହୋଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।